# ପିଲାମାନଙ୍କ ପାଇଁ ବାଇବଲ

ଉପହାର

## ଧନୀ ଲୋକ,
## ଗରିବ ଲୋକ



ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଉପଯୋଜକ: M. Maillot; Sarah S.

ଅନୁବାଦକ: Prasanta Bhuyan



ପ୍ରଯୋଯୋକ: Bible for Children
www.M1914.org



©2014 Bible for Children, Inc.

ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯୀଶୁ ଜାଣିଥିଲେ ଯେ ଅନେକ ଧର୍ମଗୁରୁମାନେ ସଦାପ୍ରଭୁଙ୍କ ଅପେକ୍ଷା ନିଜର ଧନ ଲୋଭ କରୁଥିଲେ । ସେ ଦୁଇଜଣଙ୍କ ଜୀବନରେ କଅଣ ହେଲା ସେ ବିଷୟରେ କହିଲେ, ଓ ସଦାପ୍ରଭୁଙ୍କ ବିନା ଧନୀ ହେବା କିପରି ମୂଲ୍ୟହିନ ଅଟେ । ଧନ ଦ୍ୱାରା ସଦାପ୍ରଭୁଙ୍କଠାରୁ ଅନନ୍ତ ଜୀବନ କିଣାଯାଇ ପାରିବ ନାହିଁ ।



ଏକ ଧନୀ ଲୋକ ଥିଲା, ସେ
ବହୁମୂଲ୍ୟର ବସ୍ତ୍ର ପରିଧାନ କରୁଥିଲା,
ଯାହାର ଦାମ ଅତ୍ୟଧିକ ଥିଲା । ସେ
ରାଜାସମ ପରିଧାନ କରୁଥିଲା ।



ସେହି ଧନୀ ଲୋକ ମହା ଆଡ଼ମ୍ବରରେ ଜୀବନ ଯାପନ କରୁଥିଲା । ତାଙ୍କର ସମସ୍ତ ଖାଦ୍ୟ ଏକ ଭୋଜି ସଂଙ୍ଗେ ସମାନ ଥିଲା । ତାହା ପାଖରେ ଅନେକ ପରିମାଣରେ ଟଙ୍କା ଥିଲା ଯାହାଫଳରେ ସେ ଯାହା ଇଛାକଲେ ତାହା ଖାଇବା ନିମନ୍ତେ କ୍ରୟ କରିପାରିଲେ, ତାଙ୍କର ସକାଳର ଖାଇବା, ମଧ୍ୟହ୍ନ ଭୋଜନ, ରାତ୍ର ଭୋଜନ
କିମ୍ବା ଅସମୟର ଖାଦ୍ୟ ।



ସେହି ଧନୀ ଲୋକର ଫାଟକ ପାଖରେ ଲାଜାର ନାମରେ ଏକ ଭିକାରି ପଡ଼ି ରହିଥିଲା । ସେ ଗରିବ, ରୋଗିଆ ଓ ଭୋକରେ ଆଉଟୁ ପାଉଟୁ ହେଉଥିଲେ ।





ଲାଜାରଙ୍କ ଦେହ ଘାରେ ଭର୍ତ୍ତି ହୋଇଥିଲା । ସେ ବୋଧେ ରୋଗରେ ଥିଲେ । ଅଲଗା କାରଣରୁ ତାହା ଶରିରରେ କ୍ଷତ ହୋଇ ଥାଇପାରେ ଯାହା ତାଙ୍କୁ କଷ୍ଟ ଲାଗୁଥାଇପାରେ । ହୋଇପାରେ ତାଙ୍କ ପାଖରେ ଭଲ ଖାଦ୍ୟ ନଖିଲା, ଉତ୍ତମ ଖାଦ୍ୟର ଅଭାବ ଯେପରି କ୍ଷିର, ପନିପରିବା, କିମ୍ବା ମାଂଶ ଇତ୍ୟଦି. ଗୁଡ଼ାକ ନ ଖାଇବାରୁ ସେହି ଘା ଗୁଡ଼ାକ ହୋଇଛି ।

ଲାଜାର ଖାଇବାକୁ
ଇଛାକଲେ । କେବଳ
ମାତ୍ର ସେ ସେହି
ଧନିଲୋକର ମେଜରୁ
ପଡ଼ିବା ଅଇଣ୍ଠାରୁ ଖାଇ
ଖୁସି ହୋଇଥାନ୍ତା ।



ବେଳେ ବେଳେ କୁକୁର
ଗୁଡ଼ାକ ସୁଧା ସେହି
ଗରିବ ଭିକାରିର ପାଖକୁ
ଆସିଲେ ଓ ତାଙ୍କ
ଘାଆସବୁ ଚାଟୁଥିଲେ ।
ହୋଇପାରେ କେହିମଧ୍ୟ
ସେହି ଲାଜାରର ଯତ୍ନ
ନେଲେ ନାହିଁ ସେ
ଭୋକରେ ଆଉଟୁ
ପାଉଟୁ ହେଉଥିଲେ ।



ଦିନେ ସକାଳେ ଲାଜାର
ନିଦରୁ ଉଠିଲେ ନାହିଁ ।
ସେହି ଗରିବ, ଭୋକିଲା,
ବନ୍ଧୁହିନ ଭିକାରି ଏହି
ଜୀବନକୁ ତ୍ୟାଗ କଲେ ।
ଲାଜାର ମରିଗଲେ ।



ଯେତେବେଳେ ଲାଜାରଙ୍କ ମୃତୁ ହେଲା ସେହି ମୁହୂର୍ତ୍ତରୁ ତାଙ୍କ ଜୀବନରେ ଆନନ୍ଦ ଆସିଗଲା । ଯୀଶୁ କହିଲେ ଦୂତମାନେ ଆସି ତାଙ୍କୁ ଅବ୍ରହାମଙ୍କ ନିକଟକୁ ଘେନିଗଲେ । ଲାଜାର ସଦାପ୍ରଭୁଙ୍କ ଦ୍ୱାରା ବିଶ୍ରାମ ପାଇଲେ ।



ସେହି ଧନୀ ବ୍ୟକ୍ତିଙ୍କର ମଧ୍ୟ ମୃତ୍ୟୁ ହେଲା । ତାଙ୍କର ସମସ୍ତ ଧନ ସଂପତ୍ତି ତାଙ୍କ ଜୀବନ ରକ୍ଷା କରି ପାରିଲା ନାହିଁ । ଯେତେବେଳେ ମୃତ୍ୟୁ ଆସେ, କେହିମଧ୍ୟ ତାକୁ ବାଧାଦେଇ ପାରିବେ ନାହିଁ ।



ସେହି ଧନୀବ୍ୟକ୍ତି କବର ପାଇଲେ । ହୋଇପାରେ ଏହା ଏକ ସଂଭ୍ରାନ୍ତ କବର ସମାରୋହ ଥିଲା । ଲୋକମାନେ ସେହି ଧନୀ ଲୋକର ଚ଼ତୁରତା ଓ ସଫଳତା ନିମନ୍ତେ ତାଙ୍କୁ ପ୍ରସଂଶା ମଧ୍ୟ କରିଥାଇ ପାରନ୍ତି । କିନ୍ତୁ ସେମାନେଙ୍କର ପ୍ରସଂଶା ତାଙ୍କୁ ସାହାଯ୍ୟ କରିପାରିଲା ନାହିଁ । ଧନୀ ଲୋକ ନରକରେ ଥିଲେ ।



ନରକରେ, ଧନୀଲୋକ କ୍ରନ୍ଦନ କଲେ, ହେ ପିତା ଅବ୍ରାହାମ୍, ସେହି ଲାଜାରଙ୍କୁ ପଠାନ୍ତୁ ଯେପରି ସେ ପାଣିରେ ଆପଣା ଅଙ୍ଗୁଳିର ଟିପ ବୁଡ଼ାଇ ମୋର ଜିଭକୁ ଥଣ୍ଡା କରେ, କାରଣ ମୁଁ ଏହି ନିଆଁରେ କଲବଲ ହେଉଅଛି ।



ଜୀବନରେ ତୁ ଭଲ ବିଷୟସବୁ ପାଇଲୁ ଆଉ ଲାଜାର ମନ୍ଦ ବିଷୟସବୁ ପାଇଲା, ତାଙ୍କ ପାଖରେ କିଛି ନଥିଲା, ଆବ୍ରାହାମ୍ କହିଲେ । ବର୍ତ୍ତମାନ୍ ସେ ଏଠାରେ ସାନ୍ତନା ପାଉଅଛି ଆଉ ତୁ କଲବଲ ହେଉଅଛୁ । ଆମ୍ଭ ମଧ୍ୟରେ ଥିବା ଅତି ବୃହତ୍ ବ୍ୟବଧାନକୁ କେହିମଧ୍ୟ ଅତିକ୍ରମ କରିପାରିବେ ନାହିଁ ।



ମୋହର ପାଞ୍ଚ ଭାଇମାନଙ୍କୁ ସତର୍କ କରିବାକୁ ଲାଜାରଙ୍କୁ ପଠାନ୍ତୁ, ସେହି ଧନୀ ବ୍ୟକ୍ତି ନିବେଦନ କଲେ । ମୁଁ ଚ଼ାହେଁନାହିଁ ଯେପରି ସେମାନେ ମଧ୍ୟ ଏହି ଯନ୍ତ୍ରଣାମୟ ସ୍ଥାନକୁ ଆସନ୍ତି ।



ସେମାନଙ୍କ ନିକଟରେ ଧର୍ମଶାସ୍ତ୍ର ଅଛି, ଅବ୍ରହାମ୍ କହିଲେ । ଯଦି ସେହି ପାଞ୍ଚଭାଇ ବାଇବଲକୁ ବିଶ୍ୱାସ କରିବେନାହି, ତାହାହେଲେ ଲାଜାର ମୃତ୍ରୁରୁ ପୁନରୁଥିତ ହୋଇ ଗଲେସୁଧା ସେମାନେ ତାଙ୍କୁ ବିଶ୍ୱାସ କରିବେ ନାହିଁ ।



ଯୀଶୁ ଧନୀ ଓ ଲାଜାର କାହାଣି କହି ସାରିଲେ, ହୋଇପାରେ ସେଠାରେ ଥିବା
ଧର୍ମଗୁରୁମାନେ ନିଜକୁ ପରିକ୍ଷା କରୁବାକୁ ଲାଗିଲେ, ମୁଁ ଯେତେ ପରିମାଣରେ
ସଦାପ୍ରଭୁଙ୍କୁ ପ୍ରେମ କରେ ମୋହର ସମ୍ପତ୍ତି କି ତା ଠାରୁ ଅଧିକ ଅଛି,
ବର୍ତ୍ତମାନ୍ ସେମାନେ ଜାଣନ୍ତି ଯଦି ସେମାନେ ସଦାପ୍ରଭୁଙ୍କ
ବାକ୍ୟ ଉପରେ ଧ୍ୟାନ ନଦେବେ ତାହାହେଲେ
ପରିଣାମ କଅଣ ହୋଇପାରେ ।



# ଧନୀ ଲୋକ, ଗରିବ ଲୋକ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଲୂକ ୧୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚ଼ାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬